NATIONAL NEWS BULLETIN (ODIA)

22 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ସୁନା କ୍ରୟ ହ୍ରାସକରି ଦେଶବାସୀ ଅଧିକ ଅର୍ଥ ସଞ୍ଚୟ କରିପାରୁଛନ୍ତି – କହିଲେ ପ୍ରଧାନମନ୍ତ୍ରୀ ।

- ଅରୁଣାଚଳପ୍ରଦେଶ ଚାଷୀଙ୍କଠାରୁ ସିଧାସଳଖ କୃଷି ଉତ୍ପାଦ କ୍ରୟ କରିବାକୁ ଭାରତୀୟ ସେନା ଓ ଆଇଟିବିପିଙ୍କୁ ପରାମର୍ଶ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ବ୍ରିକ୍ସ ସଦସ୍ୟ ଓ ଅଂଶୀଦାର ଦେଶଗୁଡ଼ିକ ମଧ୍ୟରେ ଚଳଚ୍ଚିତ୍ର ଏବଂ ସୃଜନଶୀଳ କ୍ଷେତ୍ର ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କଲା ଭାରତ ।

- ରାଜସ୍ଥାନର କୋଟା ଉଦୟପୁର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ।

ଏବଂ

- ୱେଲିଟନ୍ ଟେଷ୍ଟର ଆଜି ଚତୁର୍ଥଦିନ ଖେଳ ସୁଦ୍ଧା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ୨ ୱିକେଟ୍‌ରେ ସଂଗ୍ରହ କରିଛି ୧୧୯ ରନ୍ ।

ପି.ଏମ୍. ଗୋଲ୍ଡ୍ ପର୍‌ଚେଜ୍

ଗତବର୍ଷରେ ଦିଆଯାଇଥିବା ଆହ୍ୱାନ ଅନୁଯାୟୀ ଦେଶବାସୀ କମ୍ ପରିମାଣର ସୁନା କ୍ରୟ କରୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସନ୍ତୋଷ ବ୍ୟକ୍ତ କରିଛନ୍ତି । ଲକ୍ଷ୍ନୌରେ ଏକ ଜନସଭାକୁ ସମ୍ବୋଧନ କରିବା ଅବସରରେ ଶ୍ରୀ ମୋଦି କହିଛନ୍ତି, ଦେଶବାସୀଙ୍କ ଏହି ନିଷ୍ପତ୍ତି ଯୋଗୁଁ ସୁନା ମୂଲ୍ୟ ହ୍ରାସ ପାଇଛି । ଫଳରେ ଦେଶବାସୀ ଅଧିକ ଅର୍ଥ ସଞ୍ଚୟ କରିପାରୁଛନ୍ତି ।

V/O (PM Gold Purchase)

ପ୍ରଧାନମନ୍ତ୍ରୀ ପଶ୍ଚିମ ଏସିଆ ଉତ୍ତେଜନା ମଧ୍ୟରେ ଅଶୋଧିତ ତୈଳମୂଲ୍ୟ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଦେଶବାସୀଙ୍କୁ ସୁନା କ୍ରୟ ନ କରିବା ଲାଗି ଆହ୍ୱାନ ଦେଇଥିଲେ । ଗତ କିଛିମାସରେ ସୁନା ମୂଲ୍ୟରେ ବ୍ୟାପକ ହ୍ରାସ ପାଇଛି । ଗତକାଲି ୨୪ କ୍ୟାରେଟ୍ ସୁନାମୂଲ୍ୟ ଗ୍ରାମ୍ ପ୍ରତି ୧୨ ହଜାର ୫୨୩ ଟଙ୍କା ରହିଥିବାବେଳେ ଗତ ମେ ୯ ତାରିଖରେ ଏହି ମୂଲ୍ୟ ୧୫ ହଜାର ୨୫୦ ଟଙ୍କା ରହିଥିଲା । ଚଳିତ ବର୍ଷ ଏପ୍ରିଲ୍‌ରୁ ଅକ୍ଟୋବର ମାସ ମଧ୍ୟରେ ସୁନା ଆମଦାନୀ ୪୦ ପ୍ରତିଶତ ହ୍ରାସ ପାଇଛି ।

ଅମିତ ଶାହା-ଅରୁଣାଚଳ ପ୍ରଦେଶ

ସ୍ୱରାଷ୍ଟ୍ର ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି ଅରୁଣାଚଳପ୍ରଦେଶର ଚାଷୀଙ୍କଠାରୁ ସିଧାସଳଖ କୃଷି ଉତ୍ପାଦ କ୍ରୟ କରିବାକୁ ସେନା ଓ ଭାରତ ତୀବତୀୟ ସୀମା ପୁଲିସ ଆଇଟିବିପିକୁ ପରାମର୍ଶ ଦିଆଯାଇଛି । ଏଭଳି ପଦକ୍ଷେପ ସ୍ଥାନୀୟ ଚାଷୀଙ୍କୁ ଉନ୍ନତ ବଜାର ସୁଯୋଗ ସହ ସୁଫଳ ପ୍ରଦାନ କରିବ । ସୁରକ୍ଷା ବାହିନୀ ପାଇଁ ମଧ୍ୟ ଗୁଣବତ୍ତା ସମ୍ପନ୍ନ ଉତ୍ପାଦ ଉପଲବ୍ଧତା

ସୁନିଶ୍ଚିତ ହୋଇପାରିବ । ଇଟାନଗରସ୍ଥିତ ଦୋର୍ଜି ଖାଣ୍ଡୁ ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଅରୁଣାଚଳ ପ୍ରଦେଶ ସମବାୟ ଦୃଷ୍ଟିକୋଣ ଡକ୍ୟୁମେଣ୍ଟ ୨୦୨୭ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଶାହା ଏହା କହିଛନ୍ତି। ସେ କହିଛନ୍ତି ଏଭଳି ପଦକ୍ଷେପ ସୁରକ୍ଷାବାହିନୀ ଏବଂ ସ୍ଥାନୀୟ ଜନତାଙ୍କ ମଧ୍ୟରେ ବିଶ୍ୱାସ ଓ ସହଯୋଗକୁ ଅଧିକ ମଜଭୁତ କରିବ । ଆତ୍ମନିର୍ଭରଶୀଳତାର ଦୃଢ଼ ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ଶାହା ନିଯୁକ୍ତି ସୁଯୋଗ ଏବଂ ବିକାଶର ସୁଫଳ ପ୍ରତ୍ୟେକଙ୍କ ପାଖରେ ପହଞ୍ଚାଇବା ନେଇ ଗୁରୁତ୍ୱ ପ୍ରଦାନ କରିଛନ୍ତି । ରାଜ୍ୟରେ ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ମାଛ ଉତ୍ପାଦନ ବୃଦ୍ଧି କରିବାକୁ ସେ ଅରୁଣାଚଳ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି । ସେଠାରେ ଭିତ୍ତିଭୂମି ବିକାଶ ଉପରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ କରି ଶ୍ରୀ ଶାହା କହିଛନ୍ତି ଏହାଦ୍ୱାରା ରାଜ୍ୟର ଆର୍ଥିକ କ୍ଷେତ୍ର ଅଧିକ ସଶକ୍ତ ହୋଇପାରିଛି ।

V/O (Amit Saha Conetiviety)

ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ଉତ୍ତର-ପୂର୍ବ କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଇଟାନଗର ନିକଟସ୍ଥ ହୋଲଙ୍ଗିଠାରେ ଶ୍ରୀ ଶାହା ଆଜି ଏନ୍‌ଡିଆର୍‌ଏଫ୍‌ର ଦ୍ୱାଦଶ ବାଟାଲିୟନରେ କ୍ୟାମ୍ପସ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

ରାଜନାଥ-ଏନ୍‌ସିସି ଡେ

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳନ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ଏନ୍‌ସିସି କ୍ୟାଡେଟ୍ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ କହିଛନ୍ତି ଏକତା, ଶୃଙ୍ଖଳା ଏବଂ ଦେଶବ୍ୟାପୀ ନିଃସ୍ୱାର୍ଥପର ସେବାର ଭାବନାକୁ ଏନ୍‌ସିସି ପ୍ରତିପାଦନ କରିଆସୁଛି । ଯୁବବର୍ଗଙ୍କୁ ନେତୃତ୍ୱ, ଚରିତ୍ରଗଠନ ଏବଂ ଜାତୀୟ ଦାୟିତ୍ୱବୋଧ ସହ ସଶକ୍ତ କରିବାରେ ଏନ୍‌ସିସି ମାର୍ଗଦର୍ଶନ କରୁଛି । ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ଦେଶର ବିବିଧତାର ଶକ୍ତି ଏବଂ ଯୁବବର୍ଗଙ୍କ ସମ୍ଭାବନାକୁ ଏନ୍‌ସିସି ପ୍ରତିଫଳନ କରିଥାଏ ।

ଆଇଏଫ୍‌ଏଫ୍‌ଆଇ-ବ୍ରିକ୍ସ ରାଉଣ୍ଡ ଟେବୁଲ

ବ୍ରିକ୍ସ ସଦସ୍ୟ ଓ ଅଂଶୀଦାର ଦେଶଗୁଡ଼ିକ ମଧ୍ୟରେ ଚଳଚ୍ଚିତ୍ର ଏବଂ ସୃଜନଶୀଳ କ୍ଷେତ୍ରରେ ସହଯୋଗ ଉପରେ ଭାରତ ଗୁରୁତ୍ୱ ପ୍ରଦାନ କରିଛି । ଗୋଆରେ ଚାଲିଥିବା ୫୭ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇଏଫ୍‌ଏଫ୍‌ଆଇର ଅଂଶସ୍ୱରୂପ ଆୟୋଜିତ ବ୍ରିକ୍ସ ଗୋଲଟେବୁଲ ବୈଠକକୁ ସମ୍ବୋଧନ କରି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏ.ଏସ୍. ପ୍ରଭାତ ଏହା କହିଛନ୍ତି । ସେ କହିଛନ୍ତି ଦେଶଗୁଡ଼ିକ ମଧ୍ୟରେ ସାଂସ୍କୃତିକ ବୁଝାମଣା, ସହାନୁଭୂତି ଏବଂ ଆଲୋଚନାକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ସିନେମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହୋତ୍ସବର ବ୍ରିକ୍ସ ଫିଲ୍ମସ ବର୍ଗରେ ସଦସ୍ୟ ରାଷ୍ଟ୍ର ଏବଂ ଅଂଶୀଦାର ଦେଶଗୁଡିକର ୨୧ଟି ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଛି । ଗଣତନ୍ତ୍ର,

ମହିଳାଙ୍କ ଅଧିକାର, ପ୍ରବାସୀ, ଜଳବାୟୁ ଓ ସାମାଜିକ ପରିବର୍ତ୍ତନ ଆଦି ବିଷୟବସ୍ତୁ ଆଧାରରେ ଏହି ଚଳଚ୍ଚିତ୍ରଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ଶ୍ରୀ ପ୍ରଭାତ ଗତ ଅଗଷ୍ଟ ୬ ଓ ୭ ତାରିଖରେ ମୁମ୍ବାଇରେ ଅନୁଷ୍ଠିତ ବ୍ରିକ୍ସ ଫିଲ୍ମ ବଜାର ଉପରେ ଆଲୋକପାତ କରି କହିଛନ୍ତି ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ, ବିତରକ ଏବଂ ସୃଜନଶୀଳ ଶିଳ୍ପ ସହ ଜଡିତ ବୃତ୍ତିଗତଙ୍କୁ ଏହା ଏକତ୍ରିତ କରିପାରିଥିଲା । ଏହି ଗୋଲଟେବୁଲ ବୈଠକ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ମଧ୍ୟରେ ସ୍ଥାୟୀତ୍ୱ ଏବଂ ଶିଳ୍ପ ସହଭାଗିତାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ରାଜସ୍ଥାନ ଆକ୍ସିଡେଣ୍ଟ

ରାଜସ୍ଥାନର ସମ୍ଭୁପୁରା ନିକଟ କୋଟା-ଉଦୟପୁର ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୭ଜଣ ଆହତ ହୋଇଛନ୍ତି । ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୋଟିଏ ପରିବାରର ଏହି ସଦସ୍ୟଙ୍କୁ ନେଇ ଯାଉଥିବା ଏକ ଦ୍ରୁତଗାମୀ ଗାଡ଼ି ରାସ୍ତାକଡରେ ଛିଡା ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା । ମହାରାଷ୍ଟ୍ରର ଧୁଲେ ଜିଲ୍ଲାର ଏହି ବାସିନ୍ଦା ରାଜସ୍ଥାନର ଶିକର ଜିଲ୍ଲା ଅନ୍ତର୍ଗତ ଖାଟୁ ଶ୍ୟାମଜୀ ମନ୍ଦିର ଦର୍ଶନ କରି ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି ।

ଦୁର୍ଘଟଣା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକବ୍ୟକ୍ତ

କରିଛନ୍ତି । ପୃଥକ୍ ପୃଥକ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେମାନେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

ଗୁଜୁରାଟ-କାର୍ ଫାୟାର

ଗୁଜୁରାଟର ଜୁନାଗଡ ଜିଲ୍ଲାରେ ଆଜି ଭୋର୍ ୫ଟା ସମୟରେ ଏକ କାର୍ ଦୁର୍ଘଟଣାରେ ୩ଜଣ ଲୋକଙ୍କର ପ୍ରାଣହାନୀ ଘଟିବା ସହ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଅନୁସନ୍ଧାନରୁ ଜଣାପଡିଛି ଦ୍ରୁତଗାମୀ କାର୍‌ଟି କେଶଦ୍ ବଲଗାଓଁ ରାସ୍ତାର ଖାମିଦାନା ଗ୍ରାମଠାରେ ନିୟନ୍ତ୍ରଣ ହରାଇ ଓଲଟିଯିବା ଫଳରେ ଏହି ଦୁର୍ଘଟଣା ଘଟିଛି । କାର୍‌ଟି ନିଆଁ ଲାଗିଯାଇଥିବା ବେଳେ ଘଟଣାସ୍ଥଳରେ ୩ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଥିଲେ ଏବଂ ବର୍ତ୍ତଯାଇଥିବା ଅନ୍ୟଜଣେ ମହିଳା ଯାତ୍ରୀଙ୍କୁ ତୁରନ୍ତ ନିକଟସ୍ଥ ସରକାରୀ ହସ୍ପିଟାଲକୁ ନିଆଯାଇଛି । ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ସହ ତଦନ୍ତ ଜାରି ରଖିଛନ୍ତି ।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୁଳକ ସହାୟତା ରାଶି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ଦେବା ନିମନ୍ତେ ଘୋଷଣା କରିଛନ୍ତି ।

ବୁଲଗେରିଆ ଏଫ୍‌ଏମ୍ ଭିଜିଟ୍

ବୁଲଗେରିଆର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଭେଲିସ୍ଲାଭା ପେଟ୍ରୋଭା ଚାମୋଭା ଆଜି ନୂଆଦିଲ୍ଲୀଠାରେ ଭାରତୀୟ ପ୍ରତିପକ୍ଷ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଉଭୟପକ୍ଷ ମଧ୍ୟରେ ବାଣିଜ୍ୟିକ ସହଯୋଗକୁ ସୁଦୃଢ଼ କରିବା, ନିବେଶ, ଭିତ୍ତିଭୂମିର ବିକାଶ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତା, ମହାକାଶ, ପ୍ରତିରକ୍ଷା, ଶିକ୍ଷା, ସଂସ୍କୃତି ଆଦି କ୍ଷେତ୍ରରେ ଭାବ ବିନିମୟ ହୋଇଛି । ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଦୃଢ଼ ସମ୍ପର୍କ ନେଇ ଉଭୟ ନେତା ସନ୍ତୋଷବ୍ୟକ୍ତ କରିଛନ୍ତି । ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଏବଂ ବହୁପକ୍ଷୀୟ ମଞ୍ଚରେ ସହଯୋଗ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡିଛି । ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ଉଭୟ ନେତା ରୂପରେଖ ପ୍ରସ୍ତୁତ ନେଇ ସହମତ ହୋଇଛନ୍ତି । ଏଥିସହ ବୁଲଗେରିଆର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ତିନିଦିନିଆ ଭାରତ ଗସ୍ତ ଶେଷ ହୋଇଛି ।

କ୍ରିକେଟ୍

ୱେଲିଟନ୍ ଟେଷ୍ଟରେ ଆଜି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ୨ ୱିକେଟ୍ ବିନିମୟରେ ୧୧୯ରନ୍ ସଂଗ୍ରହ କରିଛି । ଗତକାଲିର ପ୍ରଥମ ଇନିଂସ୍ ସ୍କୋର ୪ ୱିକେଟ୍‌ରେ ୪୬୮ରନ୍‌ରୁ ଭାରତ ଆଜି ବ୍ୟାଟିଂ ଆରମ୍ଭ କରିଥିଲା । ୯ ୱିକେଟ୍‌ରେ ୭୨୦ରନ୍ ସଂଗ୍ରହ କରି ଭାରତ ଇନିଂସ୍ ସମାପ୍ତି ଘୋଷଣା କରିଛି ।

ଏଥିସହ ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ୍ ସ୍କୋର ତୁଳନାରେ ଭାରତ ୩୫୨ ରନ୍‌ର ଆଗୁଆ ରହିଥିଲା । ବିଦେଶୀ ମାଟିରେ ଭାରତର ଏହା ସବୁଠାରୁ ଅଧିକ ଇନିଂସ୍ ସ୍କୋର ହୋଇଥିବାବେଳେ ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ଅଷ୍ଟାଦଶ ସର୍ବାଧିକ ରନ୍ ସ୍କୋର ଭାବରେ ପରିଗଣିତ ହୋଇଛି । ନ୍ୟୁଜିଲାଣ୍ଡ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତର ସ୍କୋରଠାରୁ ୨୩୩ରନ୍‌ରେ ପଛୁଆ ରହିଛି ।

.....